# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



## ଚ଼ାଳିଶ ବର୍ଷ


ଲେଖକ: Edward Hughes
ଅନୁବାଦକ: Prasanta Bhuyan

ଦୃଷ୍ଟାନ୍ତ: Janie Forest
ଉପ୍ତଯୋଜକ: Lyn Doerksen


କାହାଣି ୬୦ ରୁ ୧୨


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସ୍ୱତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପ୍ଣଙ୍କର ଅଧୀକାର ଅଛି,·
ଯେଉଁ ପର୍ଯନ୍ତ ଆପ୍ଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ Oriya



ଯେତେବେଳେ ସଦାପ୍ରଭୁ ଇସ୍ରାଏଲକୁ ମିଶରରୁ ଉଦ୍ଧାର କରି ବାହର କରି ଆଣିଲେ, ମୋଶା ଲୋକମାନଙ୍କୁ ଉପାସନାରେ ଆଗେଇ ନେଲେ । ସେ ଏକ ପ୍ରସଂଶାର ଗୀତ ପ୍ରସ୍ତୁତ କଲେ । ମୁଁ ସଦାପ୍ରଭୁଙ୍କୁ ପ୍ରସଂଶା କରିବି କାରଣ ସେ ମହିମା ପୂର୍ବକ ବିଜୟ ସାଧନ କଲେ । ସଦାପ୍ରଭୁ ଇସ୍ରାଏଲ୍ ନିମନ୍ତେ ଯେଉଁ ମହତ୍ କାର୍ଯ୍ୟ ସାଧନ କଲେ ସେହିସବୁ ସେ ଗାନ କଲେ ।




1



ମରୁଭୂମିର ଯାତ୍ରାର ତିନିଦିନ ପରେ ତୃଷିତ ଲୋକମାନେ ଏକ ପୋଖରି ନିକଟରେ ଉପସ୍ଥିତ ହେଲେ । ମାତ୍ର ସେମାନେ ସେଥିରୁ ସେହି ପିତ ଜଳକୁ ପାନକରି ପାରିଲେ ନାହିଁ । ଲୋକମାନେ ପ୍ରାର୍ଥନା କରିବା ବଦଳରେ ଅନୁଯୋଗ କରିବା ଆରମ୍ଭ କଲେ ।

ସଦାପ୍ରଭୁ ସେମାନଙ୍କୁ ଦୟାକଲେ । ସେ ଜଳକୁ ମିଷ୍ଟତାରେ ପୂର୍ଣ୍ଣକଲେ ।

2



ଲୋକମାନେ ସମସ୍ତ ବିଷୟ ନିମନ୍ତେ ଅନୁଯୋଗ କଲେ । ସେମାନେ କହିଲେ, ମିଶରରେ ଥିବା ସମୟରେ ଆମ୍ଭଠାରେ ଖାଦ୍ୟ ଥିଲା । ସାତ୍ର ଏହି ମରୁ ଅଞ୍ଚଳରେ ଆମ୍ଭେମାନେ ଖାଦ୍ୟ ନ ପାଇ ପ୍ରାଣତ୍ୟାଗ କରିବୁ । ସେହି ରାତ୍ରୀରେ ସଦାପ୍ରଭୁ ଭାଟୁଇ ପକ୍ଷିମାନଙ୍କୁ ପଠାଇଲେ । ସହଜରେ ଲୋକମାନେ ସମାନଙ୍କୁ ଧରି ପାରିଲେ ।

3

ପରଦିନ ପ୍ରଭାତ ସମୟରେ ସଦାପ୍ରଭୁ ସେମାନଙ୍କୁ ମାନ୍ନା ଦେଲେ । ଏହା ଦେଖିବାକୁ ରୋଟିପରି ଓ ତାହାର ସ୍ୱାଦ ମଧୁପରି ଥିଲା । ପ୍ରତ୍ୟକ ଦିନ ସକାଳେ ସଂଗ୍ରହଯୋଗ୍ୟ ମାନ୍ନା ଜମିରେ ପଡ଼ିରହେ ।



ଏହିପରି ଭାବରେ ସଦାପ୍ରଭୁ ତାଙ୍କ ଲୋକମାନଙ୍କୁ ମରୁଭୂମିରେ ଖାଦ୍ୟ ଯୋଗାଇଲେ ।

4

ସେମାନଙ୍କୁ ପ୍ରତ୍ୟକ ଦିନର ନୂତନ ଖାଦ୍ୟ ନିମନ୍ତେ ସଦାପ୍ରଭୁଙ୍କ ଉପରେ ନିର୍ଭର କରିବାକୁ ପଡ଼ିଲା । ମାତ୍ର କିଛି ଲୋକ ଅଧିକ ପରିମାଣରେ ସଂଗ୍ରହ କଲେ, ଯଦ୍ୟପି, ସଦାପ୍ରଭୁ ସେମାନଙ୍କୁ କହିଥିଲେ ତାହା ପ୍ରାଃତକାଳ ପର୍ଯ୍ୟନ୍ତ ରହିବ ନାହିଁ ।



5

ନିଷ୍ଚତରେ, ପୂର୍ବଦିନର ମାନ୍ନାରେ ପୋକ ଜନ୍ମିଲା ଓ ଦୁର୍ଗନ୍ଧ ହେଲା । ମାତ୍ର ବିଶ୍ରାମବାରରେ ଲୋକମାନେ ପୂର୍ବଦିନର ମାନ୍ନା ଭୋଜନ କଲେ । କାରଣ ସପ୍ତମ ଦିନରେ ଲୋକମାନେ ବିଶ୍ରାମ କଲେ ।



6

ସଦାପ୍ରଭୁ ଇସ୍ରାଏଲ୍ ଲୋକମାନଙ୍କୁ ସେହି ମରୁଭୂମିରେ ପ୍ରତିପାଳନ କଲେ । ସେ ସେମାନଙ୍କୁ ଖାଦ୍ୟ ଓ ଜଳ ପ୍ରଦାନ କଲେ । ଏବଂ ଶତ୍ରୁମାନଙ୍କଠାରୁ ସେମାନଙ୍କୁ ରକ୍ଷାକଲେ ।

ଯେତେବେଳେ ଅମାଲେକୀୟମାନେ ଆକ୍ରମଣ କଲେ, ସେହି ସମୟରେ ସେମାନେ ସମସ୍ତ ଯୁଦ୍ଧ ଜୟ କଲେ ଯେ ସମୟ ପର୍ଯ୍ୟନ୍ତ ମୋଶା ପରମେଶ୍ୱରଙ୍କ ଯଷ୍ଠି ଉତ୍ତୋଳନ କରି ରଖିଥିଲେ ।



7



ସଦାପ୍ରଭୁ ଇସ୍ରାଏଲୀୟମାନଙ୍କୁ କହିଲେ, ଯଦି ତୁମ୍ଭେମାନେ ମୋହର ରବ ଶୁଣିବ ତେବେ ତୁମ୍ଭେମାନେ ମୋହର ବିଶେଷ ଲୋକ ହୋଇଯିବ । ସଦାପ୍ରଭୁ ଯାହା କହିବେ ଆମ୍ଭେ ତାହା କରିବା,ଲୋକମାନେ ମୋଶାଙ୍କୁ କହିଲେ । ସେମାନେ ସିନୟ ପର୍ବତର ପାଦଦେଶରେ ଉପସ୍ଥିତ ହେଲେ, ଓ ମୋଶାଙ୍କର ଅପେକ୍ଷାରେ ରହିଲେ କାରଣ ମୋଶା ସଦାପ୍ରଭୁଙ୍କ ସହିତ ଆଳାପ କରିବାକୁ ଗଲେ ।

8



ମୋଶା ସଦାପ୍ରଭୁଙ୍କ ସହିତ ଚାଳିଶ ଦିନ ପର୍ଯ୍ୟନ୍ତ ପର୍ବତ ଉପରେ ରହିଲେ । ସଦାପ୍ରଭୁ ଦୁଇ ପ୍ରସ୍ତର ନେଇ ସେଠାରେ ଦଶଆଜ୍ଞା ଖୋଦିତ କଲେ । ତାଙ୍କ ଲୋକମାନେ ଯେପରି ବଞ୍ଚିବା ଆବଶ୍ୟକ ତାହା ସେ ମୋଶାଙ୍କୁ କହିଲେ ।

9




10




11



ଯେତେବେଳେ ମୋଶା ସିନୟ ପର୍ବତରେ ସଦାପ୍ରଭୁଙ୍କ ସହିତ ଥିଲେ ଇସ୍ରାଏଲୀୟ ଲୋକମାନେ ଘୃଣ୍ୟକାର୍ଯ୍ୟ କଲେ । ସେମାନେ ହାରୋଣଙ୍କୁ ସେମାନଙ୍କ ନିମନ୍ତେ ସ୍ୱର୍ଣ୍ଣରେ ଏକ ବାଛୁରି ନିର୍ମାଣ କରାଇଲେ ଓ ସେମାନେ ସଦାପ୍ରଭୁଙ୍କ ପରିବର୍ତ୍ତେ ତାହାକୁ ପୂଜାକଲେ । ସଦାପ୍ରଭୁ କ୍ରୋଧିତ ହେଲେ । ମୋଶା ମଧ୍ୟ କ୍ରୋଧ କଲେ ।

12



ଯେତେବେଳେ ମୋଶା ସେହି ସ୍ୱର୍ଣ୍ଣନିର୍ମୀତ ଗୋରୁ ଓ ଲୋକମାନଙ୍କ ନୃତ୍ୟ ଦେଖିଲେ, ସେ ସେହି ଦୁଇ ପ୍ରସ୍ତରକୁ ପର୍ବତ ତଳେ ଭାଙ୍ଗି ପକାଇଲେ । ସେ ସେମାନଙ୍କ ନିର୍ମୀତ ବାଛୁରିକୁ ଘେନି ଅଗ୍ନିରେ ପୋଡ଼ିଲେ ଓ ତାହା ପେଷି ଧୂଳି କଲେ । ସେ ଦୁଷ୍ଟଲୋକ ଯେଉଁମାନେ ତାହାର ପୂଜକ ଥିଲେ ସେମାନଙ୍କୁ ବଧକଲେ ।

13

ସଦାପ୍ରଭୁ ପୁଣିଥରେ ମୋଶାଙ୍କୁ ସେହିପ୍ରକାରର ଦୁଇ ପ୍ରସ୍ତର ଦେଲେ । ସଦାପ୍ରଭୁ ମୋଶାଙ୍କୁ ଏକ ସମାଗମ-ତମ୍ବୁ ନିର୍ମାଣ କରିବାକୁ କହିଲେ ଯାହାର ଚାରିପଟେ ବେଢ଼ିଥିଲା । ଯେଉଁଠାରେ ସଦପ୍ରଭୁ ତାଙ୍କ ଲୋକମାନଙ୍କ ସହିତ ରହିବେ । ସେହି ସ୍ଥାନରେ ସେମାନେ ସଦାପ୍ରଭୁଙ୍କର ସେବା କରିବେ । ମେଘସ୍ତମ୍ଭ ଓ ଅଗ୍ନିସ୍ତମ୍ଭ ଯାହା ସଦାପ୍ରଭୁଙ୍କୁ ବର୍ଣ୍ଣନା କଲା ତାହା ସେମାନଙ୍କ ସହିତ ଉପସ୍ଥିତ ଥିଲା ।



14

ସେମାନେ ଯେତେବେଳେ କିଣାନ୍ ଦେଶର ନିକଟରେ ପହଞ୍ଚିଲେ, ମୋଶା ବାରଜଣ ଚ଼ର ସଦାପ୍ରଭୁଙ୍କ ପ୍ରତିଜ୍ଞାତ ଦେଶ ପରିଦର୍ଶନ କରିବାକୁ ପ୍ରେରଣ କଲେ । ଦୁଇଜଣ ଯିହୋଶୁୟ ଓ କାଲେବଙ୍କ ଛଡ଼ା ପଠାଯାଇଥିବା ସମସ୍ତ ଲୋକ ସେହି ସ୍ଥାନ ସୁନ୍ଦର ବୋଲି କହିଲେ, ମାତ୍ର ଯିହୋଶୁୟ ଓ କାଲେବ ବିଶ୍ୱାସ କଲେ ଯେ ସଦାପ୍ରଭୁଙ୍କ ସାହାଯ୍ୟରେ ସେମାନେ ସେହି ଦେଶକୁ ଅକ୍ତିଆର କରିବାକୁ ସକ୍ଷମ ହେବେ ।



15

ଅନ୍ୟ ଦଶଜଣ ଦେଶ ଅନୁଶନ୍ଧାନରେ ଯାଇଥିବା ଚ଼ର ସେହି ଦେଶର ବିରାଟ ଲୋକ ଓ ଶକ୍ତିଶାଳି ନଗରକୁ ଭୟ କରିଥିଲେ । ଆମ୍ଭେମାନେ ଏହି ଦେଶକୁ ଅକ୍ତିଆର କରିପାରିବା ନାହିଁ, ସେମାନେ କହିଲେ । ସଦାପ୍ରଭୁ ଯେ ମହତ୍ କାର୍ଯ୍ୟ ସାଧନ କରି ସେମାନଙ୍କୁ ମିଶର ଦେଶରୁ ବାହାର

କରି ଆଣିଲେ ତାହା ସେମାନେ ପାଶୋରି ଗଲେ ।



16

ଲୋକମାନେ ସେହି ଦଶ ଦେଶାନୁଶନ୍ଧାନକରୀ ଅବିଶ୍ୱାସିଙ୍କ କଥାରେ ମନଯୋଗ କଲେ । ସେମାନେ କ୍ରନ୍ଦନ କଲେ ଓ ମିଶରକୁ ଫେରିଯିବାକୁ ମନସ୍ତ କଲେ । ସେମାନେ ମୋଶାଙ୍କୁ ମଧ୍ୟ ବଧ କରିବାକୁ ମନ୍ତ୍ରଣାକଲେ ।



17

ସଦାପ୍ରଭୁ ମୋଶାଙ୍କ ଜୀବନ ରକ୍ଷାକଲେ । ସେ ଲୋକମାନଙ୍କୁ କହିଲେ ତୁମ୍ଭେମାନେ ଚ଼ାଳିଶ ବର୍ଷ ପର୍ଯ୍ୟନ୍ତ ପ୍ରାନ୍ତରରେ ଭ୍ରମଣ କରିବ । କେବଳ ଯିହୋଶୁୟ ଓ କାଲେବ ଓ ତାଙ୍କ ସନ୍ତାନମାନେ ସେହି ଦେଶରେ ପ୍ରବେଶ କରିବେ
ଯେଉଁ ଦେଶକୁ ତୁମ୍ଭେମାନେ ତୁଚ୍ଛକଲ ।



18

ଚ଼ାଳିଶ ବର୍ଷ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଯାତ୍ରାପୁସ୍ତକ ୧୫ ରୁ ଗଣନାପୁସ୍ତକ ୧୪

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

**ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।**

**ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।**

**ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚ଼ିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)**

**ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।**